রাম বচন রায় এবং অন্যমানে

বনাম

রাম উদার রায় এবং অন্যমানে

জানুআরী 18, 2006

[অরিজিত পশায়ত এবং তরুণ্ চাটার্জী, ন্যায়মূর্ত্তিদ্বয়]

*পরিসীমা অধিনিয়ম, 1963 :*

*অনুচ্ছেদ 136 - ডিক্রি কার্য্যকারী করিবা পাইঁ পরিসীমা - নির্ণ্ণয় করাগলা,* **চিরঞ্জী লালঙ্ক** *মামলারে তিনি জণ বিচারপতিঙ্ক বিচারপীঠকু নেই পূর্ব্বরু উল্লেখ থিবারু, এহি মামলাকু মধ্য সেহি মামলা সহিত রখাযাইপারে ।*

**এহি প্রশ্ন উপরে যে ডিক্রি কার্য্যকারী করিবা পাইঁ আবেদন দাখল করিবার পরিসীমা অবধি ডিক্রি তারিখ ঠারু আরম্ভ হুএ না যেতেবেলে ডিক্রি কার্য্যকারী হুএ, অর্থাত্ যেতেবেলে এহা স্বাক্ষরিত হুএ,**

**এহি মামলাকু তিনি জণ বিচারপতিঙ্ক বিচারপীঠকু পঠাইবা পরে, ন্যায়ালয় নির্ণ্ণয় কলে ।**

**ন্যায়ালয়র দুই-বিচারপতি বিশিষ্ট বিচারপীঠর নিষ্পত্তি মধ্যরে কিছি দ্বন্দ্ব রহিছি । দ্বন্দ্বকু লক্ষ্য করি,** চিরঞ্জী লালঙ্ক **মামলারে তিনি-বিচারপতি বিশিষ্ট বিচারপীঠকু সন্দর্ভ দিআযাইছি * ।** চিরঞ্জী লালঙ্ক **মামলা সহিত এহাকু তালিকাভুক্ত করিবা সম্বন্ধরে উপযুক্ত আদেশ পাইঁ এহি মামলা ভারতর মান্যবর প্রধান বিচারপতিঙ্ক নিকটরে উপস্থাপন করাযাইপারে ।**

** চিরঞ্জী লাল (মৃত) উত্তরাধিকারীমানঙ্ক দ্বারা বনাম হরি দাস (মৃত) উত্তরাধিকারীমানঙ্ক দ্বারা* **[2005] 2 SCC 261;** *ডব্লু.বি. অত্যাবশ্যক সামগ্রী যোগাণ নিগম বনাম স্বদেশ এগ্রো ফার্মিঙ্গ আণ্ড ষ্টোরেজ্ প্রাইভেট্ লিমিটেড্ এবং অন্যজণে,* **[1999] 8 SCC 315;** *হমিদ জোহরান (মৃত) এবং অন্যমানে বনাম অবদুল সলাম (মৃত) উত্তরাধিকারীমানঙ্ক দ্বারা,* **[2001] 7 SCC 573** *এবং শঙ্কর বালান্ত লোখণ্ডে (মৃত) উত্তরাধিকারীমানঙ্ক দ্বারা বনাম চন্দ্রকান্ত এস্. লোখণ্ডে এবং অন্যমানে,* **[1995] 3 SCC 413, উল্লেখ করাযাইছি ।**

দেওানী আবেদন অধিকারিতা : দেওানী আবেদন সংখ্যা 1100/2000 ।

সি.আর্. সংখ্যা 729/94 রে পাটনা উচ্চ ন্যায়ালয়র তা 22.8.95 রিখর রায় এবং আদেশরু ।

ଆବେଦନକାରୀଙ୍କ ପାଇଁ ଏସ୍. ଚନ୍ଦ୍ର ଶେଖର ।

ଉତ୍ତରଦାତାମାନଙ୍କ ପାଇଁ ଏସ୍.ବି. ସାନ୍ୟାଲ, ଅଖିଳେଶ କୁମାର ପାଣ୍ଡେ, ସୁଧାଂଶୁ ସରନ ଏବଂ ଅଭିଷେକ ।

**ନ୍ୟାୟମୂର୍ତ୍ତି, ଅରିଜିତ ପଶାୟତଙ୍କ** ଦ୍ୱାରା ନ୍ୟାୟଳୟର ରାୟ ପ୍ରଦାନ କରାଗଲା ।

ପାଟନା ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଦେୱାନୀ ପୁନରୀକ୍ଷଣକୁ ସଂକ୍ଷେପରେ ଖାରଜ କରିଦେଇଥିଲେ । ଦେୱାନୀ ପୁନରୀକ୍ଷଣରେ ଆପତ୍ତି ଥିଲା ପାଟନା, VII, ବିଦ୍ୱାନ ଅଧସ୍ତନ ବିଚାରପତିଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ପାରିତ ଆଦେଶକୁ । ଉକ୍ତ ଆଦେଶ ଦ୍ୱାରା ଅଧସ୍ତନ ବିଚାରପତି ନିର୍ଣ୍ଣୟ କରିଥିଲେ ଯେ ପରିସୀମା ଅଧିନିୟମ, 1963 (ସଂକ୍ଷେପରେ ପରିସୀମା ଅଧିନିୟମ') ର ଧାରା 136 ଅନୁଯାୟୀ କାର୍ଯ୍ୟକାରୀ ଆବେଦନ ତମାଦି ହୋଇଯାଇଥିବାରୁ ଆବେଦନକାରୀଙ୍କ ଦ୍ୱାରା ଉଠାଯାଇଥିବା ଯୁକ୍ତି ଅସମର୍ଥନୀୟ ।

ବିଦ୍ୱାନ ଅଧସ୍ତନ ବିଚାରପତି କହିଛନ୍ତି ଯେ ପରିସୀମାର ଅବଧି ଡିକ୍ରି ତାରିଖ ଠାରୁ ଆରମ୍ଭ ହୁଏ ନାହିଁ, ବରଂ ଯେତେବେଳେ ଡିକ୍ରି ପ୍ରବର୍ତ୍ତନୀୟ ହୁଏ, ଅର୍ଥାତ୍ ଯେତେବେଳେ ଏହା ସ୍ୱାକ୍ଷରିତ ହୁଏ ।

ଏହି ଆବେଦନକୁ ସମର୍ଥନ କରିବା ପାଇଁ ଏହି ନ୍ୟାୟାଳୟର ଅନେକ ରାୟ ଉପରେ ଦୃଢ଼ ଭାବେ ନିର୍ଭର କରାଯାଇଥିଲା, ଯଥା-*ଡବ୍ଲ୍ୟୁ.ବି. ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ନିଗମ ବନାମ ସ୍ୱଦେଶ ଏଗ୍ରୋ ଫାର୍ମିଙ୍ଗ ଆଣ୍ଡ ଷ୍ଟୋରେଜ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଅନ୍ୟଜଣେ,* [1999] 8 SCC 315 *ହମିଦ ଜୋହରାନ (ମୃତ) ଏବଂ ଅନ୍ୟମାନେ ବନାମ ଅବଦୁଲ ସଲାମ (ମୃତ) ଉତ୍ତରାଧିକାରୀମାନଙ୍କ ଦ୍ୱାରା ଏବଂ ଅନ୍ୟମାନେ,* [2001] 7 SCC 573 ।

*ହମିଦ ଜୋହରାନଙ୍କ* ମାମଲାରେ (ଉପରୋକ୍ତ) ବିଭିନ୍ନ ଶବ୍ଦକୋଷରୁ 'ପ୍ରବର୍ତ୍ତନ' ଶବ୍ଦର ଅର୍ଥକୁ ଦର୍ଶାଇବା ପରେ ଏହା ନିର୍ଣ୍ଣୟ କରାଯାଇଥିଲା ଯେ 'ଯେତେବେଳେ ଡିକ୍ରି କିମ୍ବା ଆଦେଶ ପ୍ରବର୍ତ୍ତନୀୟ ହେବ' ଶବ୍ଦକୁ ଆକ୍ଷରିକ ଅର୍ଥରେ ପଢ଼ିବା ଉଚିତ ଏବଂ ବ୍ୟବସ୍ଥାପକ ସଭାର ଉଦ୍ଦେଶ୍ୟ ଅନୁଯାୟୀ 12 ବର୍ଷର ଅବଧିକୁ ଡିକ୍ରି ପ୍ରବର୍ତ୍ତନୀୟ ହେବା ତାରିଖ ଅର୍ଥାତ୍ ଡିକ୍ରି କିମ୍ବା ଆଦେଶର ତାରିଖରୁ ଗଣନା କରାଯିବା ଉଚିତ ।

*ଏହାର ବିପରୀତରେ,* ଉତ୍ତରଦାତାମାନଙ୍କ ପାଇଁ ବିଦ୍ୱାନ ଓକିଲ ଦର୍ଶାଇଥିଲେ ଯେ *ଶଙ୍କର ବାଲାଜି ଲୋଖଣ୍ଡେ (ମୃତ) ଉତ୍ତରାଧିକାରୀମାନଙ୍କ ଦ୍ୱାରା ବନାମ ଚନ୍ଦ୍ରକାନ୍ତ ଏସ୍. ଲୋଖଣ୍ଡେ ଏବଂ ଅନ୍ୟଜଣେ,* [1995] 3 SCC 413 ମାମଲାରେ ଆଇନର ସଠିକ୍ ସ୍ଥିତି ପ୍ରକାଶ କରାଯାଇଛି ଏବଂ ଅନ୍ୟ ଦୁଇଟି ମାମଲାରେ ଆଇନର ସଠିକ୍ ନୀତିଗୁଡ଼ିକୁ ଧ୍ୟାନରେ ରଖାଯାଇନାହିଁ । ଆମେ ଜାଣିବାକୁ ପାଇଲୁ ଯେ ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠର ଅନେକ ନିଷ୍ପତ୍ତି ମଧ୍ୟରେ କିଛି ଦ୍ୱନ୍ଦ୍ୱ ରହିଛି । ଏହା ମଧ୍ୟ ଧ୍ୟାନ ଦେବାକୁ ହେବ ଯେ ଏହି ରାୟଗୁଡ଼ିକ ମଧ୍ୟରେ ଦ୍ୱନ୍ଦ୍ୱକୁ ଦୃଷ୍ଟିରେ ରଖି *ଚିରଞ୍ଜୀ ଲାଲ (ମୃତ) ଉତ୍ତରାଧିକାରୀମାନଙ୍କ ଦ୍ୱାରା ବନାମ ହରି ଦାସ (ମୃତ)*

*ଉତ୍ତରାଧିକାରୀମାନଙ୍କ ଦ୍ୱାରା,* [2005] 2 SCC261 ମାମଲାକୁ ତିନି ଜଣିଆ ବିଚାରପତିଙ୍କ ବିଚାରପୀଠକୁ ବିଚାର ପାଇଁ ପଠାଯାଇଛି ।

ଏହି ମାମଲାକୁ *ଚିରଞ୍ଜୀ ଲାଲଙ୍କ* ମାମଲା (ଉପରୋକ୍ତ) ସହିତ ଉପଯୁକ୍ତ ଆଦେଶ ପାଇଁ ଭାରତର ମାନ୍ୟବର ପ୍ରଧାନ ବିଚାରପତିଙ୍କ ନିକଟରେ ମଧ୍ୟ ରଖାଯାଇପାରେ ।

ଆର୍.ପି. ଆବେଦନକୁ ତିନି ଜଣ ବିଚାରପତିଙ୍କ ବିଚାରପୀଠକୁ ପଠାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।